# Akashvani, Sambalpur

## SAMBALPURI NEWS BULLETIN

### 7 April 2025- 6.47- 6.52 am.

*************************************************

ଓଡ଼ିଆ ପକ୍ଷ -ବର୍ଣ୍ଣବୋଧ ଉତ୍ସବ     ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଆ ପକ୍ଷ -୨୦୨୫ ପାଲନ୍‌ର ୭ ନମ୍ବର୍ ଦିନେ ଆଏଜ୍ ବର୍ଣ୍ଣବୋଧ ଉତ୍ସବ୍ ପାଲନ୍ କରାଯିବା । ଇ ଅବ୍‌ସରେ ଲୁକ୍‌କୁ ବର୍ଣ୍ଣବୋଧ ବଁଟାଯାଇକରି ଓଡ଼ିଆ ଭାଷା ଆଉ ବର୍ଣ୍ଣ ବାବ୍‌ଦେ ସଚେତନ୍ କରାଯିବା ।

ସେଆଡ଼େ ଓଡ଼ିଆ ପକ୍ଷ ପାଲନ୍‌ର ୬ ନମ୍ବର୍ ଦିନେ ଗଲାକାଏଲ୍ ସବୁ ଦେବାଳୟ ଆର୍ ଐତିହ୍ୟସ୍ଥଳୀମାନ୍‌କେ ସ୍ୱଚ୍ଛତା ଅଭିଯାନ୍ କରାଯାଇଥିଲା ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି     I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଦିଲ୍ଲୀ ଗସ୍ତଥି ଥିବାର୍‌ନୁ ଆଏଜ୍ ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ ଶୁଣାଣି

ବନ୍ଦ ରହେବା । ଆଏବା ଶୁଣାଣି ତାରିଖ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବିଶ୍ୱସ୍ୱାସ୍ଥ୍ୟ ଦିବସ୍          ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ସ୍ୱାସ୍ଥ୍ୟ ଦିବସ୍ । 'ସ୍ୱାସ୍ଥ୍ୟକର ଆରମ୍ଭ- ଆଶାବାଦୀ ଭବିଷ୍ୟତ' ଆଝିର୍ ଦିବସ୍‌ର ବାର୍ତାଥି ଆହ୍ୱାନ୍ ଦିଆଯାଇଛେ । ନବଜାତ ଶିଶୁ ଆଉ ପ୍ରସୂତି ମହିଳାମାନ୍‌କର୍ ମୃତ୍ୟୁ ରୁକ୍‌ବାର୍ ସହେତେ ସେମାନ୍‌କର୍ ସ୍ୱାସ୍ଥ୍ୟ ସୁରକ୍ଷା ଉପ୍‌ରେ ଅଏତ୍‌କା ଧ୍ୟାନ୍ ଦେବାର୍‌ଟା ଇ ଦିବସ୍ ପାଲନ୍‌ର ମୁଲ୍ ଲକ୍ଷ୍ୟ ଆଏ ।  ୧୯୫୦ ମସିହାନୁ  ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ତର୍‌ଫୁ ଫି ବଛ୍‌ରେ ଗୁଟେ ଖାସ୍ ବାର୍ତା ଉପ୍‌ରେ ଜୋର୍ ଦିଆଯାଇକରି ବିଶ୍ୱ ସ୍ୱାସ୍ଥ୍ୟ ଦିବସ୍ ପାଲନ୍ କରାଯାଉଛେ । ଇ ଅବ୍‌ସରେ ସର୍‌କାରୀ, ବେସର୍‌କାରୀ ଆର୍ ସ୍ୱେଚ୍ଛାସେବୀ ସଂଗଠନ୍ ମାନ୍‌କର୍ ତର୍‌ଫୁ ଭିନ୍ ଭିନ୍ ସ୍ୱାସ୍ଥ୍ୟ ସଚେତନ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯିବା ।

ଯୋଗ ମହୋତ୍ସବ୍          ପି.ଆଇ.ବି.

ଜୁନ୍ ୨୧ ତାରିଖ୍ ଅନ୍ତର୍ଜାତୀୟ ଯୋଗ ଦିବସ୍ ପାଳନ୍ ଲାଗି ଆଏଜ୍ ବିଶ୍ୱ ସ୍ୱାସ୍ଥ୍ୟ ଦିବସ୍ ଅବ୍ସରେ ୭୫ ଦିନିଆ ଅବଗଣନା ମୁଲ୍ ହେଇଛେ । ଇ ଅବ୍ସରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରଣାଳୟ ଆଉ ଆୟୁଷ୍ ମନ୍ତ୍ରଣାଳୟ ତର୍ଫୁ ଭୁବ୍ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଗୁଟେ ବିଶାଲ ଯୋଗ ମହୋତ୍ସବ୍ର ଆୟୋଜନ୍ କରାଯାଇଛେ । ଆଏଜ୍ ସଖାଲର୍ ସାଢ଼େ ୬ ବଜେନୁ ୮ ବଜେତକ୍ ବିଶାଲ୍ ସାଧାରଣ୍ ଯୋଗ ଅଭ୍ୟାସ୍ କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । କାର୍ଯ୍ୟକ୍ରମ୍ଥି କେନ୍ଦ୍ର ସ୍ୱାସ୍ଥ୍ୟ ଆଉ ଆୟୁଷ୍ ମନ୍ତ୍ରଣାଳୟର୍ ରାଷ୍ଟ୍ରମନ୍ତ୍ରୀ ପ୍ରତାପ୍ ରାଓ ଯାଧବ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୁରୀ ସାଂସଦ୍ ସମ୍ବିତ୍ ପାତ୍ରଙ୍କର୍ ସହେତେ ବିଭାଗୀୟ ଅଧିକାରୀମାନେ ଯୋଗ୍ ଦେଇଛନ୍ ।

ମାଧ୍ୟମିକ, ଉଚ୍ଚମାଧ୍ୟମିକ ଶ୍ରେଣୀର୍ ପରୀକ୍ଷା/ଆର୍ଏନ୍ୟୁ ସମ୍ବଲପୁର

ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ସଂସ୍ଥାନ୍- ଏନ୍ଆଇଓଏସ୍ର ମାଧ୍ୟମିକ ଆଉ ଉଚ୍ଚମାଧ୍ୟମିକ ଶ୍ରେଣୀର୍ ପରୀକ୍ଷା ଏପ୍ରିଲ୍ ୯ ତାରିଖ୍ନୁ ମୁଲ୍ ହେବା । ଇଥିର୍ଲାଗି ଏଡ୍ମିଟ୍ କାର୍ଡ଼ ଏନ୍ଆଇଓଏସ୍ ୱେବ୍ସାଇଟ୍ www.sdmis.nios.ac.in

ଥି ମିଳିପାରୁଛେ । ଛାତ୍ରଛାତ୍ରୀମାନେ ୱେବ୍‌ସାଇଟ୍‌ନୁ ନିଜର୍ ନିଜର୍ ଏଡ୍‌ମିଟ୍ କାର୍ଡ଼ ଡାଉନ୍‌ଲୋଡ୍ କରିପାର୍‌ବେ ବଲି କର୍ତୃପକ୍ଷଙ୍କର୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସର୍ବଭାରତୀୟ ପୁଲିସ ହକି ଚମ୍ପିଅନ୍‌ସିପ I&PR

ଭୁବନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଆଏଜ୍ ଠାନୁ ୭୩ ନମ୍ବର୍ ସର୍ବଭାରତୀୟ ପୁଲିସ ହକି ଚମ୍ପିଅନ୍‌ସିପ୍ ମୁଲ୍ ହେଉଛେ । ୧୪ ତାରିଖ୍‌ତକ୍ ହେବାର୍‌କେ ଥିବା ଚମ୍ପିଆନ୍‌ସିପ୍ ଥି ୨୬ଟା ପୁରୁଷ ଆଉ ୯ ଟା ଦଲ୍ ଭିତ୍‌ରେ ୪୮ ଟା ମେଚ୍ ଖେଲାଯିବା । ଇଥି ସିଆଇଏସ୍‌ଏଫ୍, ସିଆର୍‌ପିଏଫ୍, ବିଏସ୍‌ଏଫ୍, ଆଇଟିବିପି, ଏସ୍‌ଏସ୍‌ବି ବାଗିର୍ କେନ୍ଦ୍ରୀୟ ସଶସ୍ତ୍ର ବାହିନୀର ଦଲ୍‌ମାନେ ଭାଗ୍ ନେଇଛନ୍ ବଲି ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ ସୂଚ୍‌ନା ଦେଇଛନ୍ । ଇତାର୍ ଆଘୋନୁ ଗଲାକାଏଲ୍ ବେଲ୍‌ବୁଡ଼େ ଶ୍ରୀ ଖୁରାନିଆ ଚାମ୍ପିଅନ୍‌ସିପ୍‌ର ଲୋଗୋ ଆର୍ ମାସ୍‌କଟ୍ - ଆଶା କେ ଉନ୍ମୋଚନ୍ କରିଛନ୍ ।

ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ୍ ମେଚ୍ ବର୍‌ଗଡ୍ ସମ୍ବାଦଦାତା

ଓଡ଼ିଶା ସରକାରଙ୍କର କ୍ରୀଡ଼ା ଆର୍ ଯୁବବ୍ୟାପାର୍ ବିଭାଗ୍ ଆଉ ଓଡ଼ିଶା ଫୁଟ୍‌ବଲ୍ ଆସୋସିଏସନ୍ ତରଫୁ ଆଏଜ୍‌ଠାନୁ ବର୍‌ଗଡ଼୍ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମ୍ ନ ୧୫ ବଛର୍‌ନୁ କମ୍ ବୟସର୍ ବର୍ଗର୍ ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ୍ ମେଚ୍ ମୁଲ୍ ହେବା । ପହେଲା ଖେପେ ରାଜ୍ୟର୍ ୧୫ ଟା ଜିଲ୍ଲା ନ ଇ ପ୍ରତିଯୋଗିତା ମୁଲ୍ ହେଇସାରିଥିଲା ବେଲ୍‌କେ ୨ ନମ୍ବର୍ ଖେପେ ଆଏଜ୍ ବର୍‌ଗଡ଼୍ ସହେତେ ଭିନ୍ ଭିନ୍ ଜିଲ୍ଲା ନ ମେଚ୍ ମୁଲ୍ ହେଉଛେ । ଇ ପ୍ରତିଯୋଗିତାନୁ ବଛା ହେଇକରି ଭଲ୍ ଖେଲାଲିମାନେ ଆନ୍ତଃରାଜ୍ୟ ଫୁଟ୍‌ବଲ୍ ପ୍ରତିଯୋଗିତା ମାନ୍‌କେ ଓଡ଼ିଶା ଫୁଟ୍‌ବଲ୍ ଆସୋସିଏସନ୍‌ର ପ୍ରତିନିଧିତ୍ୱ କର୍‌ବେ ବଲି ଜିଲ୍ଲା କ୍ରୀଡ଼ା ସଂସଦ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଓକିଲ୍ ସଂଘ-ଶପଥ୍ ସମାରୋହ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଓକିଲ୍ ସଂଘ ତର୍‌ଫୁ ଗଲାକାଏଲ୍ ଶପଥ୍ ସମାରୋହ ହେଇଯାଇଛେ । ସଂଘର୍ ସଭାପତି ଗୋବର୍ଦ୍ଧନ୍ ସୁନାଙ୍କର୍ ସହେତେ ଭିନ୍ ଭିନ୍ ପଦ୍ ପଦ୍‌ବୀ ଲାଗି ନିର୍ବାଚିତ୍ ସଦସ୍ୟମାନେ ଶପଥ୍ ପାଠ୍ କରିଛନ୍ । ଆଘର୍ ସଭାପତି ଦିନେଶ ତିୱାରୀ ନୂଆଁ କର୍ମକର୍ତାମାନ୍‌କୁ ଶପଥ୍ ପାଠ କରେଇଛନ୍ ।

ସାଂସ୍କୃତିକ୍ ଶୋଭାଯାତ୍ରା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସଦର୍ ମହକୁମା ଠାନେ ଶ୍ରୀରାମ୍‌ଙ୍କର୍ ଜନ୍ମଉତ୍ସବ୍ ପାଲନ୍ ଅବ୍‌ସରେ ଗୁଟେ ସାଂସ୍କୃତିକ୍ ଶୋଭାଯାତ୍ରା ନଗର୍ ପରିକ୍ରମା କରିଥିଲା । ଇତାର୍‌ସହେତେ ଏକତା ଛକ ନ ସାମୂହିକ୍ ହନୁମାନ୍ ଚାଲିଶା ପାଠ କରାଯାଇଥିଲା । ସେନ୍ତା ଜିଲ୍ଲାର୍ ଖଡ଼ିଆଲ୍ ରାମସ୍ୱାମୀ ମନ୍ଦିର୍ ଠାନେ ରାମଜନ୍ମୋତ୍ସବ୍ ପାଲିତ୍ ହେଇଥିଲା । ରାମ୍‌ନଅମୀ ପାଲନ୍ କମିଟି ତର୍‌ଫୁ ଇ ଅବ୍‌ସରେ ଗୁଟେ ସାଂସ୍କୃତିକ ଶୋଭାଯାତ୍ରା ନଗର୍ ପରିକ୍ରମା କରିଥିଲା ।

ଖରାର୍ ମୁକାବିଲା -ତାଲିମ୍ ବୈଠକ ବୌଦ୍ଧ ସମ୍ବାଦଦାତା

ବଢ଼୍‌ତି ଖରାର୍ ମୁକାବିଲା ଲାଗି ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଲୟ ଠାନେ ଗୁଟେ ତାଲିମ୍ ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ ନ ଜିଲ୍ଲାସ୍ତରୀୟ ଆଉ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ଯୋଗ୍ ଦେଇକରି ଜିଲ୍ଲା ନ ଖରାର୍ ମୁକାବିଲା, ଝାଉମରା ଆଉ ସତର୍କତା ବାବ୍‌ଦେ ତାଲିମ୍ ନେଇଥିଲେ । ଇ ଅବ୍‌ସରେ ଖରା

ଆଉ ଝାଡ଼ମରା ର ସ୍ଥାୟୀ ନିରାକରଣ୍ ଦିଗେ ଦୀର୍ଘମିଆଦୀ ବିଷେ ଉପ୍‌ରେ ଆଲୋଚନା ହେଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ସମ୍ବଲପୁର

ବଙ୍ଗୋପ୍‌ସାଗର୍‌ନୁ ଆର୍ଦ୍ର ପବନ୍ ବୁହୁଥିବାର୍‌ନୁ ଆଉ ପଶ୍ଚିମ ଦିଗୁ ଆସୁଥିବା ସୁଖା ପବନ୍ ଲାଗି ରାଏଜର୍ କେତେଟା ଜାଗା ନ ବର୍ଷା ହେଉଥିବାର୍ ବେଲେ ଅଲ୍‌ଗା କେତେଟା ଜାଗା ନ ଗରମ୍ ଆର୍ ଗୁମ୍‌ଗୁମଉଛେ । ଆଏବା ୮ ନୁ ୧୧ ତାରିଖ୍‌ତକ୍ ରାଜ୍ୟର୍ କେତେଟା ଇଲାକା ନ ବିଜ୍‌ଲି ମାରିକରି ବର୍ଷା ହେଇପାରେ । ଇଥିର୍‌ଲାଗି ମୟୁରଭଞ୍ଜ, କେନ୍ଦୁଝର୍, ବାଲେଶ୍ୱର୍, ଭଦ୍ରକ୍, ଗଜପତି, ରାୟଗଡ଼ା, କୋରାପୁଟ୍ ଆର୍ ମାଲ୍‌କାନ୍‌ଗିରି ଜିଲ୍ଲାକେ ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।
ସେଆଡ଼େ ଆଏଜ୍ ନୁ ରାଜ୍ୟର୍ ବଡ଼ଭାଗୀ ଜାଗା ନ ତାତି ୨ ନୁ ୩ ଡିଗ୍ରୀତକ୍ ବଢ଼୍‌ବା ପାଣିପାଗ୍ କେନ୍ଦ୍ର ଅନୁମାନ୍ କରିଛେ ।